**୨ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ**

ବାସୁଦେବପୁର,(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର-ବାଲିଛନ୍ଦା ଘାଟ ରାସ୍ତାର ଆର୍ଡୁ ଛକ ନିକଟରେ ଶୁକ୍ରବାର ରାତିରେ ତାରାକାନ୍ତ ନାଥ ଓ ସୁଜିତ ଶୁଭ୍ରମ ରାଉତ ନାମକ ୨ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ତାରାକାନ୍ତ ଓ ସୁଜିତଙ୍କ ଘର ବାସୁଦେବପୁର ଥାନା ଅଧୀନ ଆର୍ଡୁ ଗ୍ରାମରେ। ସେମାନେ ନିକଟସ୍ଥ ଏକ ଦୋକାନଠାରେ ଛିଡ଼ା ହୋଇଥିବା ବେଳେ କେତେଜଣ ଯୁବକ ଗାଳିଗୁଲଜ କରିବା ସହ କାଚ ବୋତଲ ଭାଙ୍ଗି ଆକ୍ରମଣ କରିଥିଲେ। ଆହତ ଦୁଇ ଯୁବକଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଏନେଇ ସୁଜିତ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ୩ ଗୋରୁ ମୃତ

କେନ୍ଦୁଝର, ୭।୫ (ସ୍ୱ.ପ୍ର.): ସ୍ଥାନୀୟ ନରଣପୁର ରେଲୱେ ଷ୍ଟେଶନ ନିକଟରେ ଟ୍ରେନ୍ ଧକ୍କାରେ ୩ ଗାଈ ପ୍ରାଣ ହରାଇଛନ୍ତି। ଷ୍ଟେଶନ ଠାରୁ ମାତ୍ର ୫୦୦ ମିଟର ଦୂରରେ , ରେଲୱେ ଓଭର ବ୍ରିଜ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏଠାରେ ବାରମ୍ବାର ଦୁର୍ଘଟଣା ଘାଟି ଗୃହପାଳିତ ପଶୁଙ୍କର ମୃତ୍ୟୁ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଗତ ଦୁଇ ବର୍ଷ ଭିତରେ ବହୁ ସଂଖ୍ୟାରେ ଗାଈମାନେ ରେଲରେ କଟି ମୃତ୍ୟୁବରଣ କରିଥିବାରୁ ଗୃହପାଳିତ ପଶୁଙ୍କ ଟ୍ରେନ୍‌ଲାଇନ ଉପରେ ଯାତାୟାତ ବନ୍ଦ କରି ସୁରକ୍ଷା ବାଡ଼ ଦେବାପାଇଁ ଦାବି ହେଉଛି। ଗୃହପାଳିତ ପଶୁଙ୍କ ବାରମ୍ବାର ମୃତ୍ୟୁ ଯୋଗୁ ଗରିବ ଲୋକେ ଆର୍ଥିକ କ୍ଷତି ସହୁଥିବାବେଳେ, ଅନେକ ଋଣ ଗ୍ରସ୍ତ ହେଉଛନ୍ତି। ସେହିପରି ନିକଟରେ ଥିବା କପିଳେଶ୍ୱର ମନ୍ଦିରକୁ ପ୍ରତିଦିନ ଶହ ଶହ ଭକ୍ତଙ୍କ ଯାତୟାତକୁ ଆଖି ଆଗରେ ରଖି ଏହି ସ୍ଥାନରେ ଏକ ଫୁଟ୍‌ଓଭର ବ୍ରିଜ କରିବା ପାଇଁ ମଧ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### କୀଟନାଶକ ପିଇ ଜୀବନ ହାରିଲେ

ବାହାନଗା, ୭।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ୧୧ନମ୍ବର ୱାର୍ଡର ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି। ଗ୍ରାମର ଇନ୍ଦୁଭୂଷଣ ମହାଳିକ ବାଲେଶ୍ୱରରେ ଏକ କମ୍ପାନୀରେ କାମ କରୁଥିଲେ। ୩ଦିନ ତଳେ ସେ ପାରିବାରିକ ଗଣ୍ଡଗୋଳକୁ ନେଇ ମାନସିକ ଅବସାଦରେ ଥିଲେ। ପରେ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ଏହା ଦେଖିବା ପରେ ପରିବାର ଲୋକ ପ୍ରଥମେ ତାଙ୍କୁ ବାଲେଶ୍ୱର ଓ ପରେ କଟକ ଚିକିତ୍ସା ପାଇଁ ନେଇଯାଇଥିଲେ । ସେଠାରେ ଇନ୍ଦୁଭୂଷଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର ଏକ ୬ ମାସର ଝିଅଟିଏ ଅଛି।

### ଯୁବକଙ୍କ ଆତ୍ମହତ୍ୟା

ବାଲିଆପାଳ, ୭।୫(ସ୍ୱ.ପ୍ର.)-ବାଲିଆପାଳ ଥାନା ଗଡ଼ଜାମକୁଣ୍ଡା ଗ୍ରାମର ସୁଜିତ ଦାସ ନାମକ ଯୁବକ ଶୁକ୍ରବାର ରାତିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସୁଜିତ ସବୁଦିନ ପରି ଶୁକ୍ରବାର ରାତିରେ ଘରକୁ ଫେରିଥିଲେ। ବାହାରେ ସାଙ୍ଗମାନଙ୍କ ସହିତ ଭୋଜି ଖାଇଥିବାରୁ ଘରେ ନ ଖାଇ ଶୋଇଯାଇଥିଲେ। ସକାଳେ ସୁଜିତ ଗଛରେ ଝୁଲୁଥିବା ଦେଖି ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ବାଲିଆପାଳ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୨)ରେ ରୁଜୁ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ତାଙ୍କର ଜଣେ ଦଶ ବର୍ଷର ପୁଅ ଅଛି।

### ପ୍ରଗତି ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଯୋଡ଼ା,୭।୫(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡା ପଞ୍ଚାୟତ ସମିତିରେ ପ୍ରଗତି ସହାୟକ ରୂପେ କାର୍ଯ୍ୟ କରୁଥିବା ଶମ୍ଭୁନାଥ ସଏଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଯୋଡା ବ୍ଲକ ଅଧକ୍ଷ କବୀନ୍ଦ୍ର ନାଏକଙ୍କ ସମେତ ଯୋଡା ବିଡିଓ ଜଗନ୍ନାଥ ହନୁମାନ, ବିଭାଗ ଅଧିକାରୀ ସାହେବ ଅମାତ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାହ୍ନୁ ମାଝୀ, ବିପିଏମ, ଜାବିକା ମିଶନ, ଯୋଡା ଓ ପଞ୍ଚାୟତ ସ୍ତରର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଫୁଲତୋଡା ଓ ଉପଢୌକନ ପ୍ରଦାନ କରି ସଏଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ୨୦୧୪ ଏପ୍ରିଲ ମାସରେ ଯୋଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଯୋଗଦେଇ ସରକାରୀ କାର୍ଯ୍ୟ ସୁଚାରୁରୂପେ ତୁଲାଉଥିଲେ । ପ୍ରାୟ ୮ ବର୍ଷ କାର୍ଯ୍ୟ ମଧରେ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଶୁକ୍ରବାର ସେ ଅବସର ଗ୍ରହଣ କରିଛନ୍ତି।

### ୮ ନିଶାସକ୍ତ ଚାଳକ ଗିରଫ

ବଡ଼ବିଲ, ୭।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ୮ ଜଣ ନିଶାସକ୍ତ ଚାଳକଙ୍କୁ ଗିରଫ କରି ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଆଜାଦ ବସ୍ତି ଅଞ୍ଚଳର ବିକାଶ ଗୋପ, ବଡ଼ବିଲ କେ-ଅଲି ମହଲ୍ଲା ଅଞ୍ଚଳର ରାଜୁ ପ୍ରସାଦ, ସୁନ୍ଦରଗଡ଼ ଜିଲା ବିରମିତ୍ରପୁର ଅଞ୍ଚଳର ସନ୍ତୋଷ ଟପ୍ପୋ, ବଡ଼ବିଲ ଓଜନ ଲାଇନ ଅଞ୍ଚଳର ବଜରଙ୍ଗୀ କୁମାର, ଦାମୁ ହଟିଂ ଅଞ୍ଚଳର ଲଳିତ ଲୋହାର, ଝାଡ଼ଖଣ୍ଡ ରାଜ୍ୟ ନୂଆଗଡ଼ ଥାନା ଅନ୍ତର୍ଗତ ଉସିଆ ଗ୍ରାମର କାହ୍ନୁ କେରାଇ, ଝିକପାଣି ଅଞ୍ଚଳର ମାଙ୍ଗା ସୈଓ୍ୟା ଏବଂ ବିହାର ରାଜ୍ୟ ରାହତାଜ ଅଞ୍ଚଳର ସୁନୀଲ କୁମାର। ଶୁକ୍ରବାର ସନ୍ଧ୍ୟାରେ ବଡ଼ବିଲ ପୋଲିସ ପକ୍ଷରୁ ଯାନବାହନ ତନଖି ବେଳେ ଏମାନେ ମଦ୍ୟପାନ କରି ଗାଡି ଚାଳନା କରୁଥିବାବେଳେ ଧରା ପଡିଥିବା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ରାତିରେ ମେଶିନ, ଦିନରେ ଟ୍ରାକ୍ଟର

ବାରିପଦା ଅଫିସ, ୭।୫

ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ବୁଢାବଳଙ୍ଗ ନଦୀର ସଇରାତରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଗ୍ରୀନ ଟ୍ରିବ୍ୟୁନାଲର ଛାଟ ପଡିବା ପରେ ଜିଲା ପ୍ରଶାସନ ନିଦାବିଷ୍ଟୁ ସାଜିଛି। ଜିଲାର ସଦରମହକୁମା ବାରିପଦାସ୍ଥିତ ମଧୁବନ ସଇରାତ ଓ ବେତନଟୀ ତହସିଲ ଅଧୀନ ସଇରାତରୁ ଦିନରାତି ବେଆଇନ ବାଲି ଉତ୍ତୋଳନକୁ ରୋକାଯାଇପାରୁନାହିଁ। ବାରମ୍ବାର ଅଭିଯୋଗ କରିବା ପରେ ମଧ ରାଜସ୍ୱ, ପୋଲିସ କିମ୍ବା ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ପୁଞ୍ଜିଭୂତ ଅସନ୍ତୋଷକୁ ନେଇ ସ୍ଥାନୀୟ ଲୋକେ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବେ ବୋଲି କଡା ଚେତାବନୀ ଦେଇଛନ୍ତି।

ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ଓ ବେଆଇନ ଉତ୍ତୋଳନକୁ ନେଇ ବଡ଼ସାହି ତହସିଲଦାର ଓ ଲିଜ୍‌ଧାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତହସିଲଦାରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥବା ବେଳେ ଲିଜ୍‌ଧାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ବେତନଟୀ ତହସିଲ ଅଧୀନ ଦାରିହା ଓ ସର୍ବେଶ୍ୱରପୁର ଦେଇ ଚୋରାରେ ବାଲି ଉତ୍ତୋଳନ ଓ ଚାଲାଣ କରାଯାଉଛି । ଟ୍ରାକ୍ଟର ଯୋଗେ ବାଲି ଉତ୍ତୋଳନ କରି ଏକ ଖୋଲା ସ୍ଥାନରେ ଡମ୍ପିଂ କରାଯାଇ ବଡ ବଡ ହାଇୱା ଯୋଗେ ଚାଲାଣ କରାଯାଉଛି । ବିଳମ୍ବିତ ରାତିରେ ଗାଡିଗୁଡିକୁ ଏସକର୍ଟ ଦେଇ ଚାଲାଣ କରାଯାଉଥିବା ବେଳେ ମାଫିଆଙ୍କ ନାଲି ଆଖିକୁ ଦେଖି ଗ୍ରାମବାସୀ ମୁହଁ ଖୋଲୁନାହାନ୍ତି । ସେହିପରି ମଧୁବନ ସଇରାତରୁ ରାତିରେ ଜେସିବି ମାଧ୍ୟମରେ ବାଲି ଉତ୍ତୋଳନ କରି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି କରିବା ପରେ ଦିନବେଳା ଟ୍ରାକ୍ଟର ଯୋଗେ ତାହାକୁ ପରିବହନ କରାଯାଉଛି। ପ୍ରତିଦିନ ଶହ ଶହ ଟ୍ରାକ୍ଟର ଯୋଗେ ନିର୍ଦ୍ଧାରିତ ସୀମା ଉଲ୍ଲଂଘନ ଏବଂ ପରିମାଣଠାରୁ ଅଧିକ ଉତ୍ତୋଳନ କରାଯାଇଥିଲେ ମଧ ବିଭାଗ ପକ୍ଷରୁ କୌଣସି ତଦନ୍ତ କରାଯାଉନାହିଁ ।

**ରୋକାଯାଇପାରୁନି ବାଲି ଚୋରାଚାଲାଣ**

ନଦୀଗର୍ଭରୁ ପାଣିମିଶା ବାଲି ସହର ଦେଇ ପରିବହନ ଦ୍ୱାରା ରାସ୍ତା ସାରା ପାଣି କାଦୁଅରେ ଲୋକମାନେ ଚଳପ୍ରଚଳ କରୁଛନ୍ତି। ସଇରାତଗୁଡିକରେ ସୀମା ଖୁଣ୍ଟ ବସା ଯାଉ ନ ଥିବାରୁ ମନମୁଖୀ ଭାବେ ବାଲି ଉତ୍ତୋଳନ କରିବା ଦ୍ୱାରା ନଦୀର ଗତିପଥ ପରିବର୍ତ୍ତନ ହୋଇ ପରିବେଶ ଉପରେ ପ୍ରଭାବ ପକାଉଛି। ଏନେଇ ବାରିପଦା ତହସିଲଦାର ବିକ୍ରମ କିଶୋର ପରିଡା କହିଛନ୍ତି, ବେଆଇନ ବାଲି ପରିବହନ ଓ ଉତ୍ତୋଳନକୁ ରୋକିବା ପାଇଁ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଅତିରିକ୍ତ ତହସିଲଦାର, ରାଜସ୍ୱ ନୀରିକ୍ଷକ ଓ ରାଜସ୍ୱ ସୁପରଭାଇଜର ମିଳିତ ଭାବେ ବେଆଇନ ଉତ୍ତୋଳନ ହେଉଥିବା ବିଭିନ୍ନ ସଇରାତ ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ଦାରିହାସ୍ଥିତ ବୁଢାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନ।

ଜିଲାର କୁଳିଅଣା ଓ ମୋରଡା ତହସିଲ ଅଧୀନରେ ଥିବା ବୁଢାମରା ଓ ବୁଢାପାଳ ସଇରାତକୁ ଲଘୁ ଖଣିଜ ଅଧିକାରୀମାନେ ସରଜମିନ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବେଆଇନ ବାଲି ଉତ୍ତୋଳନକୁ ରୋକାଯାଇ ପାରିଲେ ଜିଲାର ରାଜସ୍ୱ ବୃଦ୍ଧି ଘଟିବା ସହ ଉଚିତ୍ ମୂଲ୍ୟରେ ବାଲି ମିଳିପାରନ୍ତା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

## ଜେଲ ଗଲେ ଠିକାଦାର, ପେଟି ଠିକାଦାର

**ଲୁହାଛଡ ବଦଳରେ ଶାଳକାଠ ବ୍ୟବହାର ଘଟଣା**

ମୋରଡା, ୭।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡିଗାଁ ପଞ୍ଚାୟତ ମାହାଲିସାହିରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣରେ ଲୁହା ଛଡ଼ ବଦଳରେ ଶାଳ କାଠ ବ୍ୟବହାର ଘଟଣାରେ ଅଭିଯୁକ୍ତ ଠିକାଦାର ଜୟନ୍ତ ଦାସ ଓ ପେଟି ଠିକାଦାର ଚକ୍ରଧର ପାଳଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମୋରଡାସ୍ଥିତ ଜେଏମ୍‌ଏଫସିରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିପଦା ଜେଲ ହାଜତକୁ ପଠାଇ ଦିଆଯାଇଛି। ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାସ, ମୋରଡା ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଦୋଷୀଙ୍କ ବିରୋଧରେ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କାର୍ଯ୍ୟାନୁଷ୍ଠାନ ଯୋଗୁ ଦୁର୍ନୀତିଗ୍ରସ୍ତ ଅନ୍ୟ ଠିକାଦାର ଓ କନିଷ୍ଠଯନ୍ତ୍ରୀଙ୍କ ମଧରେ କୋକୁଆଭୟ ସୃଷ୍ଟି ହୋଇଛି।

# ନିରପେକ୍ଷ ତଦନ୍ତ ହେଉ: ବିଜେଡି

ଭୋଗରାଇ, ୭।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ବର୍ତ୍ତନା ଗ୍ରାମରେ ଧାନକଟାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଘଟିଥିବା ସଂଘର୍ଷ ରାଜନୈତିକ ବାତାବରଣକୁ ସରଗରମ କରିଛି। ଦୁଇଗୋଷ୍ଠୀ ମଧରେ ଘଟିଥିବା ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପକ୍ଷରୁ ୨ଜଣ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଭୋଗରାଇ ପୋଲିସ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଭଳି ସ୍ଥିତିରେ ଭୋଗରାଇ ଭାଜପା ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦୁଇଦିନ ଧରି ଭୋଗରାଇ ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଜାରି ରହିଛି। ଶାସକ ଦଳ ସମର୍ଥକ ଓ ବ୍ଲକ ଚେୟାରମ୍ୟାନ୍ ସମ୍ପୃକ୍ତିକୁ ନେଇ ଭାଜପା ନେତୃବୃନ୍ଦ ଅଭିଯୋଗ ଆଣିଥିବା ବେଳେ ବିଜେଡି ନେତାମାନେ ମୁହଁ ଖୋଲିଛନ୍ତି।

ଶନିବାର ଭୋଗରାଇ ବିଜେଡି ଶାଖାର ସଭାପତି ରମାକାନ୍ତ କରଣଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ ଭାଜପା ନେତାମାନେ କରିଥିବା





ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

**ଭାଜପାର ଅନଶନ ଜାରି**

ଅଭିଯୋଗ ହାସ୍ୟାସ୍ପଦ ସହିତ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଭୋଗରାଇ ଭାଜପା ମଝି ଦରିଆରେ ବୁଡ଼ିଯାଉଥିବା ଡଙ୍ଗାରୁ ତାଙ୍କ ନେତାମାନେ ଲମ୍ଫ ପ୍ରଦାନ କରିବା ସହ ସମାନ ବୋଲି କହିବା ସହିତ ଗୋଷ୍ଠୀ ସଂଘର୍ଷରେ ବିଜେଡି କିମ୍ବା ବ୍ଲକ ଚେୟାରମ୍ୟାନ୍ ସମ୍ପୃକ୍ତି ନୁହନ୍ତି ବୋଲି ମତପ୍ରକାଶ କରିଛନ୍ତି। ଭୋଗରାଇ ଉନ୍ନୟନରେ ବାଧା ସୃଷ୍ଟି କରୁଥିବା ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଜନସାଧାରଣଙ୍କଠାରୁ ପ୍ରତ୍ୟାଖାତ ହେବାରୁ ନିଜ ଦଳର ନେତା ଓ କର୍ମୀଙ୍କୁ ଆଶ୍ୱାସନା ଦେବା ପାଇଁ ହୀନ ରାଜନୀତି କରିଥିବା ବିଜେଡି ନେତାମାନେ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହି ସମ୍ମିଳନୀରେ ଭୋଗରାଇ ନିର୍ବାଚନମଣ୍ଡଳୀର ବିଜେଡି ସଭାପତି ରମାକାନ୍ତ କରଣ, ଜିଲା ଉପସଭାପତି ଆଇନଜୀବୀ ଭୁବନାନନ୍ଦ ଦାସ, ଜିଲା ସମ୍ପାଦକ ତପନ କୁମାର ପଣ୍ଡା, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରିଙ୍କ ସହିତ ବହୁ ବରିଷ୍ଠ ବିଜେଡି ନେତାମାନେ ଉପସ୍ଥିତ ଥିଲେ।

## ମାରଣାସ୍ତ୍ର ଦେଖାଇ ଅର୍ଥଲଗାଣ ସଂସ୍ଥା କର୍ମଚାରୀଙ୍କଠାରୁ ଲୁଟ୍

ବାହାନଗା, ୭।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ରୂପଖଣ୍ଡସ୍ଥିତ କୋଷ୍ଟକେନାଲ ପୋଲ ନିକଟରେ ଶନିବାର ୩ଜଣ ଯୁବକ ମାରଣାସ୍ତ୍ର ଦେଖାଇ ଏକ ଘରୋଇ ଅର୍ଥ ଲଗାଣସଂସ୍ଥାର ଜଣେ କର୍ମଚାରୀଙ୍କଠାରୁ ୩୦ହଜାର ଟଙ୍କା ଲୁଟି ନେଇଛନ୍ତି। ସଂସ୍ଥାର କର୍ମଚାରୀ ଓ ତାଙ୍କ ମ୍ୟାନେଜର ଏନେଇ ଗୋପାଳପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି ।

ଶନିବାର ସକାଳ ୯ଟାରେ ଆରୁହାବାଡ ଆଡିଆରୁ ଗୋଟିଏ ସେକ୍ଟରର ୩ଟି ମହିଳା ଗ୍ରୁପଙ୍କଠାରୁ ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀର କଲେକ୍ସନ କର୍ମଚାରୀ ଉମାକାନ୍ତ ମାର୍ଥା ୩୦ହଜାର ଟଙ୍କା ଧରି ଗୋପାଳପୁରସ୍ଥିତ କମ୍ପାନୀ କାର୍ଯ୍ୟାଳୟକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଏକ ବାଇକ୍‌ରେ ୩ଜଣ ଯୁବକ ଆସି ମାର୍ଥାଙ୍କ ଗାଡିକୁ ଅଟକାଇ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରି ଟଙ୍କା ଥିବା ବ୍ୟାଗକୁ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ସ୍ଥାନୀୟ ଲୋକମାନେ ଦେଖୁଥିଲେ ମଧ ସେମାନଙ୍କୁ କେହି ପ୍ରତିହିତ କରି ନ ଥିଲେ। କର୍ମଚାରୀଙ୍କଠାରୁ ୩ଜଣ ଯୁବକ ଟଙ୍କା ଲୁଟି ନେଇଯିବା ପରେ ଲୋକମାନେ ଘଟଣାସ୍ଥଳକୁ ଆସି ଉକ୍ତ ଯୁବକମାନେ ବରିପଦା କଙ୍କଡାଛକର ବୋଲି କହିଥିଲେ। ଏ ବିଷୟରେ ଉମାକାନ୍ତ ବରିପଦା ସରପଞ୍ଚ ଓ ୨୦ନମ୍ବର ଜୋନ ଜିଲାପରିଷଦ ସଭ୍ୟଙ୍କୁ ଅବଗତ କରାଇବା ପରେ ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଚଳାଇଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗରେ ଯୁବକ ଗିରଫ

ବିଶୋଇ, ୭।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଅଶନବଣି ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମାଇନ ମୁର୍ମୁ ନାମ୍ନୀ ବିଧବା ମହିଳାଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ମୋହନ ମାର୍ଣ୍ଡି(୨୧)ଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ବିଶୋଇ ଥାନାରେ ଏକ ହତ୍ୟା ମାମଲା (ନଂ.୬୩/୨୨) ରୁଜୁ କରାଯାଇଛି। ପ୍ରକାଶ ଯେ, ଗତ ଏପ୍ରିଲ ୨୨ ତାରିଖ ବିଳମ୍ବିତ ରାତିରେ ମାଇନ ନିଜ ଘର ବାହାରେ ଝିଅ ସହ ଶୋଇଥିବା ବେଳେ ପଡ଼ୋଶୀ ମୋହନ ଏକ କୁରାଢ଼ିରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରି ପଳାଇ ଯାଇଥିଲା। ପରିବାର ଲୋକେ ମାଇନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଚଳିତମାସ ୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଛି। ଆକ୍ରମଣ ଘଟଣାକୁ ନେଇ ମାଇନଙ୍କ ପୁଅ ଜଗତ ଗତ ଏପ୍ରିଲ ୨୪ରେ ବିଶୋଇ ଥାନାରେ ଅଭିଯୋଗ କରିଥିଲେ।

**ଜମିବାଡ଼ି ବିବାଦ**

ରାଇରଙ୍ଗପୁର ଏସ୍‌ଡିପିଓ ରତିକାନ୍ତ ଗିରିଙ୍କ ତତ୍ତ୍ୱାବଧାନରେ ବିଶୋଇ ଥାନାଧିକାରୀ ଫଣିନ୍ଦ୍ର ଭୂଷଣ ନାଏକ ଓ ଏସ୍‌ଆଇ କୁମୁଦ ବାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସମ୍ପୂର୍ଣ୍ଣ ତଦନ୍ତ ପରେ ଶନିବାର ସକାଳେ ଅଭିଯୁକ୍ତ ମୋହନଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଇଥିଲା। ମାଇନଙ୍କୁ ହତ୍ୟା କରିଥିବା ନେଇ ମୋହନ ପୋଲିସ ଆଗରେ ଦୋଷ ସ୍ୱୀକାର କରିଛନ୍ତି। ହତ୍ୟାରେ ବ୍ୟବହୃତ କୁରାଢ଼ିକୁ ଗ୍ରାମ ନିକଟସ୍ଥ ଏକ ପୋଖରୀରୁ ପୋଲିସ ଜବତ କରିଛି। ମାଇନଙ୍କ ଘର ନିକଟକୁ ଲାଗି ତାଙ୍କ ଜମିରେ ମୋହନ ଦୀର୍ଘଦିନ ଧରି ଘର କରି ରହିଆସୁଛନ୍ତି। ଏଠାରୁ ଉଠିଯିବା ପାଇଁ ମୋହନଙ୍କୁ ବିଭିନ୍ନ ସମୟରେ ମାଇନଙ୍କ ପରିବାର ଲୋକେ ତାଗିଦ୍ କରିବା ସହ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ମୋହନ ତାଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ ପୋଲିସ ସୂଚନା ଦେଇଛି।

## ପାନୀୟଜଳ ଯୋଗାଣ ନ ହେବାରୁ ତାତିଲେ ମହିଳା

ପାଟଣା, ୭।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୂଷାଖରୀ ପଞ୍ଚାୟତ ମଲ୍ଲୀପଶି ଗ୍ରାମକୁ ୭ ଦିନ ହେବ ପାନୀୟ ଜଳ ଯୋଗାଣ ବନ୍ଦ ଯୋଗୁ ଶନିବାର ୪୦ରୁ ଉର୍ଦ୍ଧ୍ୱ ମହିଳା ଓଭରହେଡ ଟାଙ୍କି ନିକଟରେ ଗରା,ବାଲଟି ରଖି ପ୍ରତିବାଦ କରିଛନ୍ତି। ଖୁବଶୀଘ୍ର ଗାଁକୁ ପାନୀୟଜଳ ଯୋଗାଣ ସ୍ୱାଭାବିକ ନ କଲେ ମହିଳା ମାନେ ୨୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ମଲ୍ଲୀପଶି ଗାଁରେ ୧୫ ଶହରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଥିଲେ ହେଁ ପଞ୍ଚାୟତ ପକ୍ଷରୁ ଜଳ ଯୋଗାଣକୁ ଗୁରୁତ୍ୱ ଦେଇ ନ ଥିବାରୁ ଲୋକେ ପିଇବା ପାଣିପାଇଁ ନାନାପ୍ରକାର ହଇରାଣ ହେଉଛନ୍ତି। ବିଶେଷ କରି ମଲ୍ଲୀପଶି ମଝି ଦାଣ୍ଡ ଓ ଯୋଡ଼ା ଟାଙ୍ଗର ସାହିକୁ ପାଣି ଆଦୌ ଯାଉ ନ ଥିବାର ଲୋକେ ଅଭିଯୋଗ କରିଛନ୍ତି। ଏଣେ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ମଧ ଜଳ ଯୋଗାଇ ଦିଆଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ମୂଷାଖରୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ସାହୁଙ୍କୁ ପଚାରିବାରୁ ଟୁଲୁ ପମ୍ପ ଯୋଗେ ୫/୭ ଲୋକେ ପାଣି ଚୋରି କରୁଥିବାରୁ ଏଭଳି ସମସ୍ୟା ଦେଖା ଦେଇଛି। ଟାଙ୍କିକୁ ପାଣି ଉଠାଇବା ପାଇଁ ଅଧିକ ଶକ୍ତିଶାଳୀ ପମ୍ପ ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ବଳଦେବଜୀଉଙ୍କ ବଡ଼ଦାଣ୍ଡ ଉନ୍ନତୀକରଣ ପ୍ରକଳ୍ପର ଶୁଭାରମ୍ଭ

କେନ୍ଦୁଝର, ୭।୫(ଡିଏନ୍‌ଏ): କେନ୍ଦୁଝରର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ପୀଠ ପାଲଟିବ ଐତିହ୍ୟସ୍ଥଳୀ। ଏଥିପାଇଁ ବଳଦେବଜୀଉଙ୍କ ମନ୍ଦିର, ବଡଦାଣ୍ଡ ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆରମ୍ଭ କରାଯାଇଛି ବୋଲି ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କେନ୍ଦୁଝରଗଡ ପୁରୁଣାସହର ବଡଦାଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଠାକ୍‌ରେ ଏହା କହିବା ସହ ଉନ୍ନତିକରଣ/ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ସମ୍ପର୍କରେ ସବିଶେଷ ସୂଚନା ଦେଇ କହିଥିଲେ ଯେ ପ୍ରଭୁଙ୍କ ବଡଦାଣ୍ଡ ଅତି ସୁନ୍ଦର। ଆଧାତ୍ମିକ ଓ ସଂସ୍କୃତିକୁ ଭିତ୍ତି କରି ଉନ୍ନତିକରଣ/ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍‌ପି ମିତ୍ରଭାନୁ ମହାପାତ୍ର, କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି ଉପସ୍ଥିତ ଥିଲେ। କେନ୍ଦୁଝର ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ ଏବଂ ରାସ୍ତା ଓ ଗୃହ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ ବେହେରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଶ୍ରୀମନ୍ଦିର ସୁରକ୍ଷା ଦାବି

ଭଦ୍ରକ ଅଫିସ, ୭।୫

ପୁରୀ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା ଖନନ କାର୍ଯ୍ୟ ବନ୍ଦ କରିବା ଓ ମନ୍ଦିର ସୁରକ୍ଷା ନେଇ ଶନିବାର ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଭଦ୍ରକ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳର ସଦସ୍ୟ ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ, ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ମାନସ ରଞ୍ଜନ ମହାନ୍ତି, ସ୍ୱାଧୀନ ସୁନ୍ଦର ଦାସ ପ୍ରମୁଖଙ୍କ ନେତୃତ୍ୱରେ କର୍ମକର୍ତ୍ତା ପୂର୍ବାହ୍ନରେ ଭଦ୍ରକ ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ବାହାରିଥିଲେ। ଶ୍ରୀମନ୍ଦିରର ସୁରକ୍ଷା ନେଇ ବିଭିନ୍ନ ନାରାବାଜି ଦେଇ ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଚତୁଃପାର୍ଶ୍ୱରେ ଗଭୀର ଖନନ କରାଯାଉଥିବାରୁ ଶ୍ରୀମନ୍ଦିର ପ୍ରତି ବିପଦ ରହିଛି। ଏଏସ୍‌ଆଇ ପ୍ରତିବନ୍ଧିତ ନିୟମକୁ ବେଖାତିର କରି କରାଯାଉଥିବା ଏହି ଖନନ କାର୍ଯ୍ୟ ବନ୍ଦ କରିବା ପାଇଁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।



ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଅଘୋଷିତ ବିଜୁଳିକାଟ ନେଇ ଅସନ୍ତୋଷ

ବାଲେଶ୍ୱର ଅଫିସ, ୭।୫

ବାଲେଶ୍ୱର ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଅଘୋଷିତ ବିଜୁଳି କାଟ ଓ ମୁଖ୍ୟ ଡାକ୍ତରଖାନା ଦୁରବସ୍ଥା ପ୍ରତିବାଦରେ ଶନିବାର ସିଭିଲ୍ ସୋସାଇଟି ବାଲେଶ୍ୱର ପକ୍ଷରୁ ୩ଟି ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରର ନକଲ ସମ୍ପୃକ୍ତ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ସମସ୍ୟା ସମାଧାନ ନ ହେଲେ ସିଭିଲ୍ ସୋସାଇଟି ପକ୍ଷରୁ ଆସନ୍ତା ୧୫ ଦିନ ପରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଜିଲାରେ ମୁଖ୍ୟତଃ ସହରାଞ୍ଚଳରେ ଆଇନଶୃଙ୍ଖଳାର ଦ୍ରୁତ ଅବନତି, ଚୋରି, ଡକାୟତି, ରାହାଜାନି, ଛିନ୍‌ତାଇ, ନିଶା କାରବାର, ନାରୀ ନିର୍ଯାତନା ଆଦି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ବେଳେ ପୋଲିସ ବିଭାଗ ପକ୍ଷରୁ ଆଶାନୁରୂପ ନିରାକରଣ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ସହରର ଆଦର୍ଶ ଥାନା ଭାବେ କୁହାଯାଉଥିବା ସହଦେବଖୁଣ୍ଟା ଥାନା ଭାରପ୍ରାପ୍ତ ଅଧିକାରୀ ପଦବୀ ଗତ ଦୁଇବର୍ଷ ଧରି ଖାଲିପଡ଼ିଛି। ସହରବାସୀଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବାକୁ ସ୍ମାର୍ଟ ସିଟି ଓ ଅମୃତ ଯୋଜନା ପରି କେତେକ ଯୋଜନା କାଗଜପତ୍ରରେ ଚାଲିଥିବା ବେଳେ ସହର ଅନେକ ୱାର୍ଡ଼ରେ ଚଳିତ ଗ୍ରୀଷ୍ମଋତୁରେ ଶୁଦ୍ଧ ପାନୀୟଜଳ ଘୋର ଅଭାବ ଦେଖାଦେଇଛି। ସେହିପରି ଜିଲାରେ ଟାଟାପାୱାର ମୁଖ୍ୟ ଅଫିସ୍ ଥିଲେ ମଧ ସହର ଓ ଗ୍ରାମାଞ୍ଚଳରେ ବାରମ୍ବାର ଅଘୋଷିତ ବିଜୁଳି କାଟ ଗ୍ରୀଷ୍ମଋତୁରେ ଜନଜୀବନକୁ ଦୁର୍ବିଷହ କରିଛି। ଏଥିପାଇଁ ପରୀକ୍ଷା ସମୟରେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାରେ ଘୋର ଅସୁବିଧା ସୃଷ୍ଟି ହେଉଛି। ବିଦ୍ୟୁତ୍ ଗ୍ରାହକମାନେ ଅଭିଯୋଗ କଲେ ମଧ କୌଣସି ପ୍ରତିକାର କରାଯାଉନାହିଁ। ଘରୋଇ ବିଦ୍ୟୁତ୍ ସଂସ୍ଥାର ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ୍ ଆଦାୟର ଜୁଲମ୍ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ୍ କାର୍ଯ୍ୟକ୍ଷମ ହେବା ପରେ କାଗଜକଲମରେ କେତେକ ପ୍ରଫେସର ଡାକ୍ତର ନିଯୁକ୍ତି ପାଇଥିଲେ। ମାତ୍ର କେତେକ ଡାକ୍ତର କାର୍ଯ୍ୟରେ ଯୋଗଦେଇ ନ ଥିବାବେଳେ ଅନ୍ୟ କେତେକ ଡାକ୍ତର ନିଜ କର୍ତ୍ତବ୍ୟରେ ଅବହେଳା କରି ଘରୋଇ ଚିକିତ୍ସାକୁ ପ୍ରୋତ୍ସାହିତ କରୁଛନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନ ଥିବାରୁ ଗୁରୁତର ରୋଗୀମାନଙ୍କୁ ଦୈନିକ କଟକ, ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଉଛି। ଜିଲାର ବହୁ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନ ଥିବାରୁ ରୋଗୀସେବାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ଏ ସମ୍ପର୍କରେ ରୋଗୀମାନଙ୍କ ସମ୍ପର୍କୀୟମାନଙ୍କ ଅଭିଯୋଗ ଶୁଣିବାକୁ କେହିନାହାନ୍ତି ବୋଲି ସିଭିଲ ସୋସାଇଟି ପକ୍ଷରୁ ଅଭିଯୋଗ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ଦେବେନ୍ଦ୍ର ଧଳ, ମାୟାଧର ମହାପାତ୍ର, ସଞ୍ଜିତ୍ ପତି, ଭରତ ଲେଙ୍କା, ପ୍ରଦୀପ ଶୁକ୍ଳା, ମାୟାଧର ମହାରଣା, ଜ୍ୟୋତ୍ସ୍ନା ପାଣି, ସରସ୍ୱତୀ ପଣ୍ଡା, ବରୁଣ ବେହେରା, କ୍ରୀଷ୍ଣା ସାହା ଓ ତ୍ରିଦିବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ସିଭିଲ୍ ସୋସାଇଟିର ସଦସ୍ୟଗଣ।

**ସିଭିଲ୍ ସୋସାଇଟି ପକ୍ଷରୁ ଦାବିପତ୍ର**

